୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସ୍ୱର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.125 Bhubaneswar Friday June 27 2025 | ୨୭ତମ ବର୍ଷ ସଂଖ୍ୟା-୧୨୫ ଭୁବନେଶ୍ୱର, ଶୁକ୍ରବାର, ଜୁନ ୨୭, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## କାଲି ରତ୍ନବେଦୀ ଛାଡି ଭକ୍ତଙ୍କ ଗହଣରେ ଜନ୍ମବେଦୀକୁ ଯିବେ ମହାପ୍ରଭୁ



ପୁରୀ,୨୬।୬(ପି.ଏନ): ରଥ ପଥ ପ୍ରସ୍ତୁତ । ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ତିନି ରଥକୁ ସିଂହଦ୍ୱାର ଆଗକୁ ଟାଣିନେଲେ ସୁରକ୍ଷା କର୍ମୀ । ପ୍ରଥମେ ନନ୍ଦିଘୋଷ, ତାପରେ ଦର୍ପଦଳନ ଓ ପରେ ତାଳଧ୍ୱଜ ରଥକୁ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଲେ । କାଲି ରତ୍ନବେଦୀ ଛାଡି ଭକ୍ତଙ୍କ ଗହଣରେ ଜନ୍ମବେଦୀକୁ ଯିବେ ମହାପ୍ରଭୁ । ଭାଇଭଉଣୀଙ୍କୁ ସାଙ୍ଗରେ ଧରି ନବଦିନାତ୍ମକ ଯାତ୍ରାରେ ଯିବେ କାଳିଆ ସାଆନ୍ତ । ଭକ୍ତଙ୍କ ମେଳରେ ଗଡ଼ିବ ମହାପ୍ରଭୁଙ୍କ ଦିବ୍ୟ ରଥ । ଆଜି ୧୫ ଦିନର ଅଣସର ସାରି ନବଯୌବନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି ଶ୍ରୀଜିଉ । ରଥଯାତ୍ରା ପାଇଁ ପୁରୀରେ ଜମିଲାଣି ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ । ଏବେ ଅପେକ୍ଷା କେତେବେଳେ ନୀଳକନ୍ଦର ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସିବେ କଳିଆରଭୂଜ ।

## ପୁରୀ ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କୁ ମାଗଣା ଭୋଜନ ପ୍ରଦାନ କରିବ ଅଦାନୀ ଗ୍ରୁପ



ପୁରୀ,୨୬।୬(ପି.ଏନ): ଅଦାନୀ ଗ୍ରୁପ ପକ୍ଷରୁ ଓଡ଼ିଶାର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୁରୀରେ ସେବା ଆରମ୍ଭ କରାଯାଇଛି । ଜୁନ ୨୬ରୁ ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ରଥଯାତ୍ରାରେ ଭକ୍ତ ଓ ଅଧିକାରୀଙ୍କ ପାଇଁ ଖାସ୍ ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ପ୍ରୟାଗରାଜରେ ହୋଇଥିବା ମହାକୁମ୍ଭ ମେଳାରେ ସେବା କରିବା ପରେ ଏବେ ଅଦାନୀ ପୁରୀରେ ତା'ର ସେବା ଆରମ୍ଭ କରିଛି । ଶ୍ରୀ ଜଗନ୍ନାଥଙ୍କ ଏହି ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତଙ୍କ ଆଗମନ ହେବ । ଏଥର ପାଖାପାଖି ୪୦ ଲକ୍ଷ ଭକ୍ତଙ୍କୁ ମାଗଣା ଖାଦ୍ୟ ଓ ଥଣ୍ଡା ପାନୀୟ ପ୍ରଦାନ କରାଯିବ । ସେଥିପାଇଁ ପୁରୀର ବିଭିନ୍ନ ସ୍ଥାନରେ କାଉଣ୍ଟର ଖୋଲାଯାଇଛି । ସେଠାରେ ଭକ୍ତମାନଙ୍କୁ ମାଗଣା ଓ ପୋଷ୍ଟିକ ଖାଦ୍ୟ ମିଳିବ । ଗରମରୁ ରକ୍ଷା ପାଇବା ପାଇଁ ଥଣ୍ଡା ପାନୀୟ ମଧ୍ୟ ମାଗଣାରେ ପ୍ରଦାନ କରାଯିବ । ଅଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଅଦାନୀ ଏନେଇ କୁହନ୍ତି, 'ସେବା ହିଁ ସାଧନା ଅଟେ ।' ସେଥିପାଇଁ ସ୍ଥାନୀୟ ଲୋକଙ୍କ ସହ ମିଶି ଅଦାନୀ ଗ୍ରୁପ ଏହି ମହତ୍ କାର୍ଯ୍ୟ ଆରମ୍ଭ କରିଛି ।

## ଡବଲ ଇଞ୍ଜିନ ସରକାରରେ ଦଳିତମାନେ ଅଧିକ ଅବହେଳିତ: କଂଗ୍ରେସ





ଭୁବନେଶ୍ୱର,୨୬।୬(ପି.ଏନ): ଡବଲ ଇଞ୍ଜିନ ସରକାରରେ ଦଳିତ ମାନେ ଅଧିକ ଅବହେଳିତ ହୋଇଛନ୍ତି । ଗତ ୨୨ ତାରିଖରେ ଧରାକୋଟରେ ଦଳିତଙ୍କୁ ଅତ୍ୟାଚାର ଦଳିତଙ୍କୁ ମାନସିକ ଆଘାତ ଦେଇଛି । ଦଳିତମାନଙ୍କ ଉପରେ ଏତେ ବଡ ଘଟଣା ଘଟିଲା । ଭାରତ ବର୍ଷରେ ଓଡ଼ିଶା ଲଜ୍ଜିତ ହେଲା । ହେଲେ ସରକାର କୌଣସି ମନ୍ତ୍ରୀ ଏଯାଏ ଘଟଣା ସ୍ଥଳକୁ ଯାଇନାହାନ୍ତି । ଧରାକୋଟ ଘଟଣାରେ ସରକାରଙ୍କ ନିରବତାକୁ ନେଇ ବର୍ଷିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ । କହିଛନ୍ତି, ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏ ଘଟଣାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି । ଅତ୍ୟାଚାରର ଶିକାର ହୋଇଥିବା ଦଳିତ ପରିବାରକୁ ୧୦ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ସେ ଦାବି କରିଛନ୍ତି । ସେହିପରି କଂଗ୍ରେସ ନେତା ଲଲାଟେନ୍ଦୁ ମହାପାତ୍ର କହିଛନ୍ତି, ତୁରନ୍ତ ଦଳିତ ମାନଙ୍କୁ ନ୍ୟାୟ ଦିଅନ୍ତୁ ସରକାର ।

### ଶିକ୍ଷକଙ୍କଠାରୁ ଲାଞ୍ଚ ନେଇ ଧରାପଡିଲେ ଆକାଉଣ୍ଟାଣ୍ଟ

ଭୁବନେଶ୍ୱର,୨୬।୬(ପି.ଏନ): ଜଣେ ଶିକ୍ଷକଙ୍କଠାରୁ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଜଣେ ଆକାଉଣ୍ଟାଣ୍ଟ। ତାଙ୍କ ନାଁ ସୂର୍ଯ୍ୟକାନ୍ତ ସ୍ୱାଇଁ। ସେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ ନିଯୁକ୍ତ ହୋଇଛନ୍ତି। ଗୃହ ନିର୍ମାଣ ପାଇଁ ଉକ୍ତ ଶିକ୍ଷକଙ୍କ ନାଁରେ ଅଗ୍ରୀମ ଦେଢ଼ ଲକ୍ଷ ଟଙ୍କା ଆସିଥିଲା। ସରକାରଙ୍କ ତରଫରୁ ଯୋଗ୍ୟ କର୍ତ୍ତୃପକ୍ଷ ତାଙ୍କ ନାଁରେ ଏହି ଟଙ୍କା ମଞ୍ଜୁର କରିଥିଲେ। କିନ୍ତୁ ବିଲ୍ କରି ଅଗ୍ରୀମ ଟଙ୍କା ପ୍ରଦାନ କରିବା ପାଇଁ ବିଇଓଙ୍କ ଅଫିସର ଆକାଉଣ୍ଟାଣ୍ଟ ସୂର୍ଯ୍ୟକାନ୍ତ ସ୍ୱାଇଁ ଏହି ଶିକ୍ଷକଙ୍କୁ ୫୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଅନ୍ୟକୌଣସି ଉପାୟ ନପାଇ ଶିକ୍ଷକ ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତା'ପରେ ଯୋଜନା ଅନୁଯାୟୀ ଶିକ୍ଷକ ଜଣଙ୍କ ଆଜି ବିଇଓଙ୍କ ଅଫିସରେ ଆକାଉଣ୍ଟାଣ୍ଟଙ୍କୁ ଭେଟି ୫୦୦୦ ଟଙ୍କା ଦେଇଥିଲେ। ଆକାଉଣ୍ଟାଣ୍ଟ ସୂର୍ଯ୍ୟକାନ୍ତ ସ୍ୱାଇଁ ଲାଞ୍ଚ ଅର୍ଥ ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଆକାଉଣ୍ଟାଣ୍ଟ ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଶ୍ରୀ ସ୍ୱାଇଁଙ୍କୁ ଧରିବା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କର ଦୁଇଟି ଠିକଣାରେ ଚଢ଼ାଉ କରାଯାଇଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି।

## ଲଗାତର ତିନିଦିନ ପାଇଁ ବନ୍ଦ ରହିବ ବ୍ୟାଙ୍କ, ସାରି ଦିଅନ୍ତୁ ଜରୁରୀ କାମ

ଭୁବନେଶ୍ୱର,୨୬।୬(ପି.ଏନ): ଆସନ୍ତା ତିନି ଦିନରେ ଯଦି ଆପଣଙ୍କର ବ୍ୟାଙ୍କରେ କୌଣସି କାମ ଅଛି, ତେବେ ତାହା ପୂରା ହୋଇପାରିବ ନାହିଁ । ପ୍ରକୃତ କଥା ହେଉଛି, ଜୁନ ୨୭ରୁ ୨୯ ପର୍ଯ୍ୟନ୍ତ ଲଗାତର ତିନି ଦିନ ପାଇଁ ବ୍ୟାଙ୍କ ବନ୍ଦ ରହିବ । ତେଣୁ ଏପରି ସ୍ଥିତିରେ ଯଦି ଆପଣଙ୍କର ବ୍ୟାଙ୍କରେ କୌଣସି କାମ ଥାଏ, ତେବେ ତାହା ଆସନ୍ତା ସୋମବାର ବା ଜୁନ ୩୦ରେ ହିଁ ପୂରା ହେବ । ଜୁନ ୨୭ରେ ଓଡ଼ିଶାର ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହେବ । ଏହି କାରଣରୁ ସେହିଦିନ ଦେଶର ବିଭିନ୍ନ ରାଜ୍ୟରେ ବ୍ୟାଙ୍କ ବନ୍ଦ ରହିବ । ଜୁନ ୨୮ ଚତୁର୍ଥ ଶନିବାର ଓ ୨୯ (ରବିବାର) ସାପ୍ତାହିକ ଛୁଟି ଦିନ ରହିଛି । ତେଣୁ ଶନି ଓ ରବିବାର ଦୁଇଦିନ ସାରା ଦେଶରେ ବ୍ୟାଙ୍କ ବନ୍ଦ ରହିବ ।

## ୨ ତାରିଖ ଯାଏ ପ୍ରବଳ ବର୍ଷା; ୱାର୍ଣ୍ଣିଂ ଜାରି, ଜାଣନ୍ତୁ କେଉଁ ଜିଲ୍ଲାରେ ବର୍ଷିବ



ଭୁବନେଶ୍ୱର,୨୬।୬(ପି.ଏନ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଓଡିଶା ଏବଂ ପଶ୍ଚିମବଙ୍ଗର ସଂଲଗ୍ନ ଉପକୂଳବର୍ତ୍ତୀ ଅଞ୍ଚଳରେ ଆଜି ସକାଳ ସାଢେ ୮ଟା ବେଳେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଉତ୍ତର ଓଡିଶା ଓ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡଖଣ୍ଡ ଓ ଛତିଶଗଡ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ପାଣିପାଗର ସ୍ଥିତି ଏହିଭଳି ଥିବା ବେଳେ ଆଜିଠାରୁ ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ଓଡିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଏବଂ ବଜ୍ରପାତ ସହିତ ପବନ ହେବାର ସମ୍ଭାବନା ରହିଛି। ଆସନ୍ତାକାଲି (ଜୁନ୍ ୨୭) ସକାଳ ସାଢେ ୮ଟା ପର୍ଯ୍ୟନ୍ତ ରାଜ୍ୟର କେନ୍ଦୁଝର, ସୁନ୍ଦରଗଡ, ସମ୍ବଲପୁର, ସୋନପୁର, ବଲାଙ୍ଗିର ଓ ବୌଦ୍ଧ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତା'ସହିତ ଝଟକା ପବନ ବହିବାର ସମ୍ଭାବନା ରହିଛି। ଝଟକା ପବନର ବେଗ ଘଣ୍ଟାପ୍ରତି ୩୦ରୁ ୪୦ କିମି ରହିପାରେ। ସେଥିପାଇଁ ଏହି ଜିଲ୍ଲାଗୁଡିକୁ ଅରେଞ୍ଜ ୱାର୍ଣ୍ଣିଂ (କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ରୁହନ୍ତୁ) ଜାରି କରାଯାଇଛି ।ସେହିଭଳି ଏହି ସମୟ ମଧ୍ୟରେ ବରଗଡ, ନୂଆପଡା, ଅନୁଗୋଳ, ଢେଙ୍କାନାଳ, ଦେବଗଡ, ମୟୂରଭଞ୍ଜ, ଝାରସୁଗୁଡା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତା' ସହିତ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡିକୁ ଯେଲୋ (ସତର୍କ ରୁହନ୍ତୁ) ୱାର୍ଣ୍ଣିଂ ଜାରି କରାଯାଇଛି ।ଏହା ସହିତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ମାରିବା ସହିତ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ହୋଇପାରେ। ସେଥିପାଇଁ ଏହି ଜିଲ୍ଲାଗୁଡିକୁ ମଧ୍ୟ ଯେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତାକାଲି ସକାଳ ସାଢେ ୮ଟାରୁ ୨୮ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଓ ଝାରସୁଗୁଡା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତା' ସାଙ୍ଗକୁ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ଝଟକା ପବନ ବହିପାରେ। ଏଣୁ ଏହି ଜିଲ୍ଲାଗୁଡିକୁ ଯେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହିତ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ଝଟକା ପବନ ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡିକୁ ଯେଲୋ ୱାର୍ଣ୍ଣିଂ ଦିଆଯାଇଛି।

## ବ୍ୟାଙ୍କ ଗ୍ରାହକଙ୍କ ୭୦ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ, କିରାଣିଙ୍କୁ ବାନ୍ଧିଲା ପୁଲିସ



ଭୁବନେଶ୍ୱର,୨୬।୬(ପି.ଏନ): ଗ୍ରାହକଙ୍କର ୭୦ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ସ୍ଥିତ ୟୁନିୟନ ବ୍ୟାଙ୍କ ଶାଖାର ଜଣେ କିରାଣିଙ୍କୁ ଗିରଫ କରିଛି ପୁଲିସ। ତାଙ୍କ ନାଁ ଏସ୍. ପ୍ରିୟମ ପ୍ରଥମ ସାବତ (୨୮)। ତାଙ୍କ ଘର ଗୋପାଳପୁର ଥାନା ଅମ୍ବାପୁଆର ବସନ୍ତ ବିହାରରେ। କିରାଣି ପ୍ରିୟମ ପ୍ରଥମ ସାବତ ଗ୍ରାହକଙ୍କ ଟଙ୍କା ଆତ୍ମସାତ କରିଥିବା ନେଇ ଗତକାଲି ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ ୟୁନିୟନ ବ୍ୟାଙ୍କର ଦିଗପହଣ୍ଡି ଶାଖା ପ୍ରବନ୍ଧକ ପି. ପ୍ରଦୀପ କୁମାର। ତାଙ୍କ ଏତଲାକୁ ପୁଲିସ ଗ୍ରହଣ କରି ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ କରିଥିଲା ।ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା ଯେ ଅଭିଯୁକ୍ତ ପ୍ରିୟମ ପ୍ରଥମ ସାବତ ୨୦୨୪ ଜୁଲାଇ ମାସରୁ ୟୁନିୟନ ବ୍ୟାଙ୍କର ଦିଗପହଣ୍ଡି ଶାଖାରେ କିରାଣି ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କୁ ଲେଜର ପୋଷ୍ଟିଂ, ନୂଆ ଆକାଉଣ୍ଟ ଖୋଲିବା, ଆକାଉଣ୍ଟରୁ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିବା ଓ ତାଙ୍କ ଶାଖାର ସମସ୍ତ ଆର୍ଥିକ ନେଣଦେଣ କାର୍ଯ୍ୟ କରିବାକୁ ଦାୟିତ୍ୱ ଦିଆଯାଇଥିଲା। ଏହା ବ୍ୟତୀତ ବ୍ୟାଙ୍କର ଶାଖା ପ୍ରବନ୍ଧକ ବା ବ୍ରାଞ୍ଚ ମ୍ୟାନେଜରଙ୍କ ଅନୁପସ୍ଥିତିରେ ପ୍ରିୟମ ପ୍ରଥମ ସାବତ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ।






### ପବିତ୍ର ରଥଯାତ୍ରା ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା-୨୦୨୫ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍‌ଥାନର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

(ହରି ବାବୁ କମ୍ଭମ୍ପାଟି)

DADLS-36
15001/13/0819/2526





### ପବିତ୍ର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ରଥଯାତ୍ରା ଆମ ସମସ୍ତଙ୍କ ପାଇଁ ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ । ମହାପ୍ରଭୁଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା ।

ଜୟ ଜଗନ୍ନାଥ ...

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

